# Akashvani, Sambalpur

## SAMBALPURI NEWS EVENING BULLETIN

## 10 April 2026-7.02- 7.12 pm.

---

୧- ଭୁବନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ।

- ୫ ଟା ବିଭାଗ୍‌ର ୧୧ ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୨- ସତୀଶ୍ ଧୱନ୍ ମହାକାଶ୍ କେନ୍ଦ୍ରନୁ ଇସ୍ରୋ ତର୍‌ଫୁ ଗଗନଯାନ ଅଭିଯାନ୍‌ର ଏୟାରଡ୍ରପ୍ ଟେଷ୍ଟ-ଟୁ ଲେଣ୍ଡିଂ ସିଷ୍ଟମ୍‌ର କରାଯାଇଛେ ସଫଲ୍ ପରୀକ୍ଷଣ୍ ।

୩- ରାଏଜେ ଆଏବା ୨୦୨୭ ପଂଚାୟତ୍ ନିର୍ବାଚନ୍‌ଥି ଆସନ୍ ସଂରକ୍ଷଣ୍ କର୍‌ବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ ପଂଚାୟତିରାଜ୍ ବିଭାଗ୍‌ର ନିର୍ଦ୍ଦେଶ୍ ।

ଆଉର୍

୪- ନିରୋଗ୍ ସ୍ୱାସ୍ଥ୍ୟ ଲାଗି ହୋମିଓପାଥିର ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ହୋମିଓପାଥି ଦିବସ୍ ।

କେବିନେଟ୍ ବୈଠକ୍-ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ରାଜ୍ୟ କେବିନେଟ୍‌ର ୩୮ ନମ୍ବର ବୈଠକ୍‌ଥି ପାର୍ବତୀ ଗିରି ବୃହତ୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଲାଗି ୨ ଶହ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛେ । ପ୍ରକଳ୍ପ ଜରିଏ ସମ୍ବଲପୁର ଜିଲ୍ଲାର୍ ୫୪ଟା ଗାଁକେ ଜଲସେଚନ୍ ବ୍ୟବସ୍ଥା କରାଯାଇ ପାର୍‌ବା । ସେନ୍ତା କ୍ଲଷ୍ଟର୍-୩୦ ଅଧିନ୍‌ଥି ସୁବର୍ଣ୍ଣପୁର ଜିଲ୍ଲାର୍ ୪୭ଟା ଗାଁର୍ ୬ ହଜାର ହେକ୍ଟର ଜମିକେ ଜଲ୍‌ସେଚନ୍ ସୁବିଧା କର୍‌ବାର୍ ଲାଗି କେବିନେଟ୍ ତର୍‌ଫୁ ଶହେ ୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛେ ବଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ । ବୈଠକ୍‌ଥି ୫ଟା ବିଭାଗର୍ ୧୧ଟା ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

(ଭଏସ୍- ଅନୁ ଗର୍ଗ)

ବୈଠକ୍‌ଥି ଜଲ୍ ସମ୍ପଦ୍ ବିଭାଗର୍ ୫ଟା ପ୍ରସ୍ତାବ୍ ସହେତେ ଗ୍ରାମ୍ୟ ଜଲ୍ ଯୋଗାଣ ପ୍ରକଳ୍ପର୍ ସୁପରିଚାଲ୍‌ନା ଆଉ ଦେଖ୍‌ରେଖ୍

ନୀତି, ଅଟଳ ବସ୍କ୍ଷେଣ୍ଡ ଯୋଜ୍ନା ଆଉ ଶ୍ରମ ବିଭାଗର୍ ୩ଟା ପ୍ରସ୍ତାବ୍କେ ଅନୁମୋଦନ୍ ମିଳିଛେ ।

ଗଗନ ଯାନ          ଆର୍ଏନ୍ୟୁ/ କଟକ୍

ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟାର୍ ସତୀଶ୍ଧୱନ୍ ମାହାକାଶ୍ କେନ୍ଦ୍ର ନୁ ଭାରତୀୟ ମହାକାଶ୍ ଗବେଷଣା ସଂସ୍ଥା- ଇସ୍ରୋ ସଫଲତାର୍ ସହେତେ ମହତ୍ୱାକାଂକ୍ଷୀ ଗଗନଯାନ ଅଭିଯାନ୍ର ଏୟାର୍ ଡ୍ରପ୍ ଟେଷ୍ଟ୍-ଟୁ ଲେଣ୍ଡିଂ ସିଷ୍ଟମ୍ର ପରୀକ୍ଷଣ୍ କରିଛେ । ଇଥି ପାଖାପାଖି ୫ ଦଶ୍ମିକ୍ ୭ ଟନ୍ ଉଜନ୍ର ଗୁଟେ ଷ୍ଟିମୁ୍ୟଲେଟେଡ଼୍ କ୍ରିୟୁ ମଡୁ୍ୟଲ୍କେ ଜୁଡ଼ାଯାଇଥିଲା । ଭାରତୀୟ ବାୟୁସେନାର ଚିନୁକ୍ ହେଲିକେପ୍ଟର୍ ଜରିଏ ପାଖାପାଖି ୩ କିଲୋମିଟର୍ ଉଚ୍ଚାକେ ନେବାର୍ ଉତ୍ରୁ ଶ୍ରୀହରିକୋଟାର ଉପକୂଲ ପାଖେ ଇଟାକେ ଗୁଟେ ଧାରିଜ୍ ଇଲାକା ନ ଛଡ଼ାଯାଇଥିଲା । ଇ ପରୀକ୍ଷଣ୍ ଭାରତୀୟ ବାୟୁସେନା, ନୌସେନା ଆଉ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ପ୍ରତିଷ୍ଠାନ୍ର ସକ୍ରିୟ ସମର୍ଥନ୍ ଆଉ ଅଂଶଗ୍ରହଣ୍ ସହେତେ

ଗଗନଯାନ ମିଶନ୍ ଦିଗେ ଆଉ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବଲି ବିବେଚନା କରାଯାଉଛେ ।

ଏସ୍ଆଇଆର୍ -ନିର୍ବାଚନ ଆୟୁକ୍ତ ଏକ୍ସ

ରାଏଜେ ଆଉ କିଛି ଦିନ୍ ଉତ୍ରୁ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍ଆଇଆର୍ ଲାଗୁ କରାଯିବା ବଲି ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସୂଚ୍ନା ଦେଇଛନ୍ । ଶ୍ରୀ ପାଢ଼ୀ କହିଛନ୍, ଏସ୍ଆଇଆର୍ ପ୍ରକ୍ରିୟା ସର୍ବାର୍ ଉତ୍ରୁ ନୂଆ ଭୋଟର୍ ତାଲିକା ପ୍ରକାଶ କରାଯିବା । ଇ ଭୋଟର୍ ତାଲିକା ଆଧାର୍ଥି ଆଏବା ପଂଚାୟତ୍ ନିର୍ବାଚନ୍ କରାଯିବା । ପଂଚାୟତ୍ ନିର୍ବାଚନ୍ଥି ସଂରକ୍ଷଣ ଆଉ ଡିଲିମିଟେସନ୍ ଦାୟିତ୍ୱ ରାଜ୍ୟ ସରକାରଙ୍କର୍ ଆଏ । ସଂରକ୍ଷଣ ପ୍ରକ୍ରିୟା ମୁଲ୍ ହେଇଥିବାର୍ନୁ ଆଉ ସୀମା ଧାରିଜ୍ କରାନାଇଯାଏ । ସରକାର ସଂରକ୍ଷଣ ପ୍ରକ୍ରିୟା ସାର୍ଲା ଉତ୍ରୁ ନିର୍ବାଚନ ଆୟୋଗ୍ ତର୍ଫୁ ନିର୍ବାଚନ୍ ପ୍ରକ୍ରିୟା ମୁଲ୍ କରାଯିବା ବଲି ଶ୍ରୀ ପାଢ଼ୀ କହିଛନ୍ ।

ଆସନ୍ ସଂରକ୍ଷଣ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ୨୦୨୭ ପଂଚାୟତ୍ ନିର୍ବାଚନ୍‌ଥି ଆସନ୍ ସଂରକ୍ଷଣ୍ କର୍‌ବାର୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ୱାର୍ଡ଼ ମେମ୍ବର୍, ସଂର୍‌ପଂଚ୍, ସମିତି ସଭ୍ୟ ଆଉ ଜିଲ୍ଲା ପରିଷଦ୍ ସଦସ୍ୟଙ୍କର୍ ଆସନ୍ ସଂରକ୍ଷଣ୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ମାସର୍ ଶେଷ୍‌ତକ୍ ନିର୍ବାଚନ୍ କମିଶନ୍‌ଙ୍କୁ ଚୂଡ଼ାନ୍ତ ରିପୋର୍ଟ ଦେବାର୍‌କେ ଚିଠିଥି ଉଲ୍ଲେଖ ରହିଛେ । ୱାର୍ଡ଼ମେମ୍ବର୍, ସର୍‌ପଂଚ୍ ଆଉ ସମିତି ସଭ୍ୟଥି ସଂରକ୍ଷଣ୍ ଲାଗି ପ୍ରକାଶ୍ ପାଇଥିବା ବିଜ୍ଞପ୍ତି ଉପ୍‌ରେ ୧୭ ତାରିଖ୍ ଭିତ୍‌ରେ ଅଭିଯୋଗ୍, ଆବେଦନ୍ ଆଉ ୨୪ ତାରିଖ୍ ତକ୍ ଅଭିଯୋଗ୍ ଶୁଣାଣି କରିକରି ୨୯ ତାରିଖ୍‌ତକ୍ ଚୂଡ଼ାନ୍ତ ସଂରକ୍ଷଣ୍ ତାଲିକା ଜନାବାର୍‌କେ କୁହାଯାଇଛେ । ସେନ୍ତା ଜିଲ୍ଲ ପରିଷଦ୍ ସଦସ୍ୟର୍ ସବୁ ପ୍ରକ୍ରିୟାକେ ଶେଷ୍ କରିକରି ୩୦ ତାରିଖ୍‌ତକ୍ ଜନାବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ଲାଗି ଆଏବା ସୋମ୍‌ବାର୍ ଦିନ ଚିଠା ବିଜ୍ଞପ୍ତି ଆଉ ୨୯ ତାରିଖ୍ ଦିନ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ୍ ପାଏବା । ଆଘର୍ ନିର୍ବାଚନ୍ ସଂରକ୍ଷଣ୍ ନୀତି ଅନ୍‌ସାରେ

ମହିଳାମାନ୍‌କର୍ ଲାଗି ୫୦ ପ୍ରତିଶତ୍ ଆଉ ପଛୁଆ ବର୍ଗଙ୍କର୍ ଲାଗି ୨୭ ପ୍ରତିଶତ୍ ସଂରକ୍ଷଣ୍ ରହେବା ।

ପିଏମ୍ ରାହତ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଧାନ୍‌ମନ୍ତ୍ରୀ ରାହତ୍ ଯୋଜ୍‌ନା ରାଏଜେ କାର୍ଯ୍ୟକାରୀ କର୍‌ବାର୍‌କେ ଓଡ଼ିଶା ପୁଲିସ୍ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ସବୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ଆଉ ଡିସିପି ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସଡ଼କ୍ ଦୁର୍ଘଟଣାଥି ପଡୁଥିବା ଲୁକ୍‌କୁ ତୁର୍‌ତି ଆଉ ମାହାଲିଆ ଚିକିସ୍ଚା ସେବା ଯୁଗେଇ ଦେବାର୍ ଲାଗି ଇ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ । ଇତାର୍ ଅଧୀନ୍‌ଥି ଦୁର୍ଘଟଣାଗ୍ରସ୍ତ ଲୁକ୍‌କୁ ନଗଦ୍ ବିହୀନ୍ ସର୍ବାଧିକ୍ ଦେଢ଼୍‌ଲାଖ୍ ଟଙ୍କାତକ୍ ଚିକିସ୍ଚା ସୁବିଧା ଯୁଗେଇ ଦିଆଯିବା । ସାଧାରଣ ଆହତ୍‌ମାନ୍‌କର୍ କ୍ଷେତ୍ରଥି ୨୪ ଘଂଟା ଆଉ ଗୁରୁତର୍ ଆହତ୍ କ୍ଷେତ୍ର ନ ୪୮ ଘଂଟା ଭିତ୍‌ରେ ଇଡ଼ିଆର୍ ପ୍ଲାଟ୍‌ଫର୍ମଥି ତଥ୍ୟ ଯାଂଚ୍ ଆଉ ଅନୁମୋଦନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଦୁର୍ଘଟଣା ଅଲ୍‌ଗା କେନ୍‌ସି ଥାନା

ଇଲାକା ନ ଘଟିଥିଲେ ୩ ଘଂଟା ଭିତ୍‌ରେ କ୍ଷେତ୍ର ପରିଦର୍ଶନ୍ କର୍‌ବାର୍‌କେ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବାଲ୍ୟବିବାହ ନିଷେଧ          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବାଲ୍ୟବିବାହ ନିଷେଧ୍ ଆଇନ୍ ୨୦୦୬ କେ କଡ଼ାକଡ଼ି ପାଲନ୍ କର୍‌ବାର୍ ଲାଗି ଜାତୀୟ ଶିଶୁ ସୁରକ୍ଷା ଆୟୋଗ୍ ମୁଖ୍ୟ ଶାସନ୍ ସଚିବଙ୍କୁ ଜନେଇଛନ୍ । ଜିଲ୍ଲାପାଲ୍‌ମାନ୍‌କୁ ବାଲ୍ୟବିବାହ ନିଷେଧ୍ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛେ । ଗ୍ରାମ୍‌ପଂଚାୟତ୍, ବ୍ଲକ୍ ଆଉ ଜିଲ୍ଲାସ୍ତର୍ ନ ସଚେତନ୍ କର୍‌ବାର୍ ଲାଗି କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ପୁଲିସ୍, ଧର୍ମଗୁରୁମାନ୍‌କର୍ ସାଙ୍ଗେ ଖାସ୍ ବୈଠକ୍ ବିବାହ କାର୍ଯ୍ୟଥି ଜଡ଼ିତ ସେବା, ଟେଂଟ୍ ମାଲିକ୍ ଆଉ ଅଲ୍‌ଗାମାନ୍‌କୁ ବାଲ୍ୟବିବାହକେ ପ୍ରୋତ୍ସାହିତ୍ ନାଇଁ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସ୍କୁଲ୍ ଛାଡ଼ିଥିବା ପିଲାଙ୍କର୍ ତାଲିକା ତିଆର୍ କର୍‌ବାର୍‌କେ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ କୁହାଯାଇଛେ । ସେମାନ୍‌କର୍ ମା’ ବାପାକେ

ବାଲ୍ୟବିବାହ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି କୁହାଯାଇଛେ ।

ହ୍ୱାଟ୍‌ସ ଆପ୍ ଚାଟ୍ ବଟ୍ ଝାରସୁଗୁଡ଼ା ସମ୍ବାଦଦାତା

ସାଧାରଣ ଲୁକ୍‌କର୍ ପାଖ୍‌କେ ସହଜ୍ ଆଉ ସରଲ୍ ଭାବେ ପ୍ରଶାସନିକ୍ ସୁବିଧା ସୁଯୋଗ୍ ପୁହୁଁଚାବାର୍ ଲାଗି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ହ୍ୱାଟ୍‌ସ୍ ଆପ୍ ଚାଟ୍ ବଟ୍ 'ସହଜ୍' ବ୍ୟବସ୍ଥାର୍ ଶୁଭାରମ୍ଭ କରାଯାଇଛେ । 'ସହଜ୍' ବ୍ୟବସ୍ଥାକେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ଜରିଏ ଶୁଭାରମ୍ଭ କରି କରି କହିଛନ୍, ସରକାରୀ ବ୍ୟବସ୍ଥାକେ ଲୁକ୍‌କର୍ ପାଖ୍‌କେ ପୁହୁଁଚାବାର୍‌ଟା ହଉଛେ ସରକାରଙ୍କର୍ ମୁଖିଆ ଉଦ୍ଦେଶ୍ୟ । ଝାରସୁଗୁଡ଼ା ପ୍ରଶାସନ୍ ତର୍‌ଫୁ ମୁଲ୍ ହେଇଥିବା ଇ ବ୍ୟବସ୍ଥା ତାର୍ ଗୁଟେ ଉଦାହରଣ ଆଏ । ଇତାର୍ ଜରିଏ ଲୁକ୍‌କୁ ଆହୁରି ସଶକ୍ତ କରାଯିବାର୍ ସହେତେ ପ୍ରଶାସନିକ୍ ବ୍ୟବସ୍ଥା ଆହୁରି ଉତରଦାୟୀ ହେଇ ପାର୍‌ବା । ସାଧାରଣ ଲୁକ୍‌କୁ ନିଜର୍ ଛୋଟ୍ ଛୋଟ୍ ସମସ୍ୟା ଲାଗି ଆଉ ସରକାରୀ କାର୍ଯ୍ୟାଳୟମାନ୍‌କୁ

ଧାଏବାର୍‌କେ ନାଇଁ ପଡ଼େ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇ ଅବ୍‌ସରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଲ କୁନାଲ ମୋତିରାମ ଚୌହାନ୍‌ଙ୍କର୍ ସଙ୍ଗେ ଅଲ୍‌ଗା ଅଧିକାରୀ ଆଉ ଜନ ପ୍ରତିନିଧି ଉପସ୍ଥିତ୍ ଥିଲେ ।

ବିଶ୍ୱ ହୋମିଓପାଥି ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ପୁର୍‌ଥି ନ ଚିକିତ୍ସା କ୍ଷେତ୍ର ନ ବିକଳ୍ପ ପଦ୍ଧତି ହିସାବେ ହୋମିଓପାଥିର ବେଭାର୍ ଆଦର୍ ପାଏବାର୍‌ଥି ଲାଗିଛେ । ପୁର୍‌ଥିର୍ ୮୦ ନୁ ଅଏତ୍‌କା ଦେଶେ ଇ ଚିକିତ୍ସା ବ୍ୟବସ୍ଥାକେ ଗ୍ରହଣ୍ କରାଯାଇଛେ । ଲୋକ୍‌ମାନ୍‌କୁ ହୋମିଓପାଥି ଚିକିତ୍ସା ପଦ୍ଧତି ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ହୋମିଓପାଥି ଦିବସ୍ ପାଲନ୍ କରାଯାଉଛେ । ହୋମିଓପାଥି ଚିକିତ୍ସାର୍ ଜନକ ଡାକ୍ତର୍ ସାମୂଏଲ୍ ହାନିମ୍ୟାନ୍‌ଙ୍କର୍ ଜନମ୍‌ଦିନ୍ ଏପ୍ରିଲ୍ ୧୦ ତାରିଖ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ହୋମିଓପାଥି ଦିବସ୍‌ର ବାର୍ତା ରହିଛେ 'ନିରୋଗ୍ ସ୍ୱାସ୍ଥ୍ୟ ଲାଗି ହୋମିଓପାଥି' । ପକ୍ଷାଘାତ, ମାନସିକ ରୋଗ ଆଉ ଜୀବନ୍ ଶୈଲୀ ସାଙ୍ଗେ ଜଡ଼ିତ

ଉଚ୍ଚରକ୍ତଚାପ ନୁ ମୁଲ୍ କରିକରି ମଧୁମେହ, ଗେଷ୍ଟ୍ରିକ୍, ସ୍ନାୟୁରୋଗ ତକ୍ ହୋମିଓପାଥି ଚିକିସ୍ସାଥି ସୁଫଳ ମିଲିଥିସି ।

ସ୍କୁଲ୍ ପୋଷାକ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ସ୍କୁଲ୍ ନ ଆଏବା ୨୭ ତାରିଖ୍‌ତକ୍ ପୋଷାକ ବଂଟାଯିବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଇ ବାବ୍‌ଦେ ମାର୍ଗଦର୍ଶିକା ପ୍ରସ୍ତୁତ୍ କରାଯାଇଛେ । ଆଏବା ରଏବାର୍‌ତକ୍ ସଂସ୍ଥା ବଛାଯାଇକରି କାର୍ଯ୍ୟାଦେଶ୍ ଦିଆଯିବା । ଅଭିଯୋଗ୍ ଥିଲେ ଆଘୋନୁ କାର୍ଯ୍ୟାଦେଶ୍ ପାଇଥିବା ସଂସ୍ଥାମାନ୍‌କେ ବାଦ୍ ଦିଆଯିବା । ଯେନ୍‌ମାନ୍‌କର୍ ନାଁଥି ଅଭିଯୋଗ୍ ନାଇଁନ ସେମାନ୍‌କୁ ଦାୟିତ୍ୱ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ବାହାର ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ପ୍ରକ୍ରିୟା ଆଏଜ୍ ୩ ନମ୍ବର୍ ଦିନେ ଭିଲ୍ ଜାରି ରହିଛେ । ସକାଳ ଧୂପ ନୀତି

ଉତାରୁ ଗନ୍‌ତିମନ୍‌ତି କାମ୍ ମୁଲ୍ ହେଇଥିଲା । ଗଲାକାଏଲ୍‌ତକ୍ ପାଖାପାଖି ୪୦ ପ୍ରକାର୍‌ର ଅଲଙ୍କାର୍ ଗନ୍‌ତି ହେଇଛେ । ରତ୍ନଅଲଙ୍କାର୍, ମୋତି ମାଣିକ୍ୟର୍ ଚିହ୍ନଟ୍ ଆଉ ଉଜନ୍ ଲାଗି ଶ୍ରୀମନ୍ଦିର୍ ବଣିଆ ସେବକ, ରତ୍ନ ବିଶାରଦ, ଭାରତୀୟ ରିଜର୍ଭ ବେଙ୍କ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଫିଁ’ ରତ୍ନ ଅଲଙ୍କାର୍‌ର ଭିଡ଼ିଓ ଆଉ ଫଟୋଗ୍ରାଫି କରାଯାଉଛେ ।

ରାଜସ୍ୱ ସମୀକ୍ଷା ବୈଠକ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଜିଲ୍ଲା ନ ଗଲାମାସେ ଧାରିଜ୍ କରାଯାଇଥିବା ଭୂ-ରାଜସ୍ୱ, ରୟାଲ୍‌ଟି ଆଦାୟ, ଜଳକର, ବସୁନ୍ଧରା, ସ୍କୁଲ୍ କଲେଜ୍‌ର ପଟ୍ଟା ଆଉ ଅଲ୍‌ଗା କର ଆଦାୟ ବାବ୍‌ଦେ ତହସିଲ୍‌ଦାର୍, ଅତିରିକ୍ତ ତହସିଲ୍‌ଦାର୍, ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରାଯାଇଥିଲା ।

ରୋଇଂ ଚାମ୍ପଅନ୍‌ସିପ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ରୋଇଂ ଫେଡ଼େରେସନ୍ ଆଉ ଓଡ଼ିଶା ଆସୋସିଏସନ୍ ଫର୍ ରୋଇଂ ଏଣ୍ଡ ସ୍କିଲିଂ ମିଶିକରି ଆଏଜ୍‌ଠାନୁ କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ସର୍ବଭାରତୀୟ ଇନ୍‌ଡୋର୍ ରୋଇଂ ଚାମ୍ପିଅନ୍‌ସିପ୍ ମୁଲ୍ ହେଇଛେ । ଗୁଟେ ନୂଆଁ ଉପେଥି ଇ ପ୍ରତିଯୋଗିତା ଆୟୋଜନ୍ କରାଯାଇଛେ । ଜଳକ୍ରୀଡ଼ାଥି ପାଏନ୍ କି ଡଙ୍ଗା ବେଭାର୍ କରା ନାଇଁ ଯାଇ । ଡଙ୍ଗା ବାଗିର୍ ଗୁଟେ ମିସିନ୍ ଜରିଏ ପ୍ରତିଯୋଗୀମାନେ ପ୍ରଦର୍ଶନ୍ କରୁଛନ୍ । ୩ ଶହ ୫୦ ଝନ୍ ପୁରୁଷ ଆଉ ୨ ଶହ ୫୦ ଝନ୍ ମହିଳା ରୋଇଂ ଚାମ୍ପିଅନ୍‌ସିପ୍‌ଥି ଭାଗ୍ ନେଇଥିବାର୍ ଜନାପଡ଼ିଛେ ।

ପୁଲିସ୍ ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ହାଇଦ୍ରାବାଦ୍ ନ ହେଇଥିବା ବି.ଏନ୍. ମଲ୍ଲିକ୍ ସର୍ବଭାରତୀୟ ପୁଲିସ୍ ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ୨୦୨୫-୨୬ ଥି ଓଡ଼ିଶା ପୁଲିସ୍‌ର ପୁରୁଷ ଆଉ ମହିଳା ଫୁଟ୍‌ବଲ୍ ଦଲ୍‌ର ଖେଲାଲିମାନ୍‌କୁ ପୁଲିସ୍

ମୁଖ୍ୟାଳୟ ଠାନେ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଶୁଭେଚ୍ଛା ଜନେଇଛନ୍ । ହାଇଦ୍ରାବାଦ୍ ଠାନେ ହେଇଥିବା ଇ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶା ପୁଲିସ୍ ମହିଳା ଦଲ୍ ଉପବିଜେତା ହେଇଛନ୍ । ଇ ସଫଲତା ଲାଗି ଓଡ଼ିଶାର୍ ଯୁବ ପ୍ରତିଭା ମାନ୍‌କୁ ଫୁଟ୍‌ବଲ୍ ଲାଗି ଆକୃଷ୍ଟ କର୍‌ବାର୍ ସହେତେ ପ୍ରେରଣା ଯୁଗାବାର୍ ଲାଗି ଶ୍ରୀ ଖୁରାନିଆ କହିଛନ୍ ।